# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27th July - 2024**

**News Editor : *Tapan Kumar Maharana***

*************************************

## ମୁଖ୍ୟ ସମ୍ବାଦ

- ଦେଶକୁ ବିକାଶଶୀଳ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟପନ୍ଥା ନେଇ ନୂଆଦିଲ୍ଲୀରେ ନୀତି ଆୟୋଗ ବୈଠକ ଅନୁଷ୍ଠିତ ।

— ରାଜ୍ୟପାଇଁ ବିଭିନ୍ନ ଦାବୀ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

- ଆକାଶବାଣୀର ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ଆସନ୍ତାକାଲି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ ସନ୍ଧ୍ୟାରେ ଅନୁଷ୍ଠିତ ହେବ ବି.ଜେ.ପି. ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ବୈଠକ ।

- କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ ।

— ଅନୁଗୁଳ ଗସ୍ତରେ ଯାଇ ପରିଦର୍ଶନ କଲେ ନାଲ୍‌କୋ ପ୍ଲାଣ୍ଟ୍ ।

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ।

— ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି ।

*Desk*

# ପି.ଏମ୍. - ନୀତି ଆୟୋଗ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପତି ଭବନର ସଂସ୍କୃତି କେନ୍ଦ୍ରଠାରେ ନୀତି ଆୟୋଗର ନବମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ବୈଠକର ବିଷୟବସ୍ତୁ "୨୦୪୭ ବିକଶିତ ଭାରତ" ରଖାଯାଇଥିଲା। ଦେଶକୁ ଏକ ବିକାଶଶୀଳ ରାଷ୍ଟ୍ରଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟପନ୍ଥା ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ବିକଶିତ ଭାରତ ଲକ୍ଷ୍ୟକୁ ହାସଲ କରିବା ଲାଗି ନିଆଯିବାକୁ ଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। କେନ୍ଦ୍ର ଏବଂ ରାଜ୍ୟ ସହଭାଗିତାରେ ପ୍ରଶାସନିକ କାର୍ଯ୍ୟକୁ ଅଧିକ ସ୍ୱଚ୍ଛ ଏବଂ ସମୟୋପଯୋଗୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବିଶ୍ୱ ଅର୍ଥନୀତିରେ ଭାରତକୁ ତୃତୀୟ ସ୍ଥାନରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଘରୋଇ ଉତ୍ପାଦ ବୃଦ୍ଧି ଏବଂ ଶିଳ୍ପଭିତ୍ତିଭୂମି ବିକାଶ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ୨୦୪୭ ମସିହା ସୁଦ୍ଧା ମୋଟ୍ ଘରୋଇ ଉତ୍ପାଦ ୫ ହଜାର ଆମେରିକୀୟ ଡଲାରରୁ ବୃଦ୍ଧି କରି ୩୦ ହଜାର ଆମେରିକୀୟ ଡଲାରରେ ପହଁଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି।

ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟ ପାଇଁ କେନ୍ଦ୍ରୀୟ ସହଯୋଗ ଲୋଡ଼ିବା ସହ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ଏହି ପ୍ରମୁଖ ଦାବି ମଧ୍ୟରେ ବୃହତ ବନ୍ଦର ଭିତିକ ଶିଳ୍ପ ଜୋନ୍ ପ୍ରତିଷ୍ଠା, ବିଭିନ୍ନ ପ୍ରକଳ୍ପ ପାଇଁ ତ୍ୱରିତ ବଜେଟ, ଭିତିଭୂମି ଓ ଶୀଘ୍ର

ମଂଜୁରୀ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି । ଏଥିସହ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ, ଟେଲିକମ୍ ଭିତ୍ତିଭୂମି ପାଇଁ କେନ୍ଦ୍ରର ସହଯୋଗ ଲୋଡ଼ିଛନ୍ତି। ପିଏସ୍‌ପି ପ୍ଲାଂଟ, ଭାସମାନ ସୋଲାର ପ୍ରକଳ୍ପ, ବ୍ୟାଙ୍କ ନଥିବା ପଂଚାୟତରେ ଏଟିଏମ୍ ବ୍ୟବସ୍ଥା, ରେଳ ଘନତ୍ୱ ଜାତୀୟ ହାରଠାରୁ କମ୍, ସେମି କଣ୍ଡକ୍ଟର ହବ୍ ଶିଳ୍ପ ପ୍ରତିଷ୍ଠା ପାଇଁ ବିଦେଶୀ ପୁଞ୍ଜିନିବେଶକ ଯୋଗାଡ଼ କରିବା ଆଦି ପ୍ରସଙ୍ଗରେ ବୈଠକରେ ମୁଖ୍ୟମନ୍ତ୍ରୀ ଦାବି ଜଣାଇଛନ୍ତି ।

***Desk***

# ବି.ଜେ.ପି. - ମୁଖ୍ୟମନ୍ତ୍ରୀ ବୈଠକ

ବିଜେପି ଶାସିତ ରାଜ୍ୟଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ ବୈଠକ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ। ଏହି ବୈଠକରେ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ଗତ ଲୋକସଭା ନିର୍ବାଚନ ଏବଂ କେନ୍ଦ୍ର ବଜେଟ୍‌ରେ ପ୍ରସ୍ତାବିତ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ନେଇ ଏହି ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି। ବିଭିନ୍ନ ରାଜ୍ୟରେ ଲାଗୁ ହୋଇଥିବା କେନ୍ଦ୍ରୀୟ କଲ୍ୟାଣକାରୀ ଯୋଜନାଗୁଡ଼ିକର ସ୍ଥିତି ନେଇ ବୈଠକରେ ସମୀକ୍ଷା କରାଯିବ ବୋଲି ଜଣାପଡ଼ିଛି।

*Desk*

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଲୋକଙ୍କ ସହ ଭାବ ବିନିମୟ କରିବେ । ଏହା ହେବ 'ମନ୍ କି ବାତ୍'ର ୧୧୨ତମ ସଂସ୍କରଣ। ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର୍ ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏହାର ସିଧା ପ୍ରସାରଣ କରାଯିବ। ହିନ୍ଦୀ ପ୍ରସାରଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।

*Desk*

## ମୁଖ୍ୟମନ୍ତ୍ରୀ - ମମତା ଆଲୋଚନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାକ୍ଷାତ୍ କରି ଆଳୁ ଯୋଗାଣ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଛନ୍ତି । ରାଜ୍ୟରେ ଆଳୁ ଦର ବୃଦ୍ଧି ଯୋଗୁଁ ରାଜ୍ୟବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାର ଶୀଘ୍ର

ସମାଧାନପାଇଁ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅନୁରୋଧ କରିଥିଲେ । ତେବେ ବର୍ତ୍ତମାନ ପଶ୍ଚିମବଙ୍ଗରୁ ରାଜ୍ୟକୁ ଆଳୁ ଆସିବା ପ୍ରକ୍ରିୟା ସ୍ୱାଭାବିକ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି ।

*Angul/R*

## କେନ୍ଦ୍ରମନ୍ତ୍ରୀ - ଦୁବେ

କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ଭୁବନେଶ୍ୱରରେ ପହଁଞ୍ଚିଛନ୍ତି। ଏହି ଗସ୍ତ ଅବସରରେ ଶ୍ରୀ ଦୁବେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଶ୍ରୀ ଦୁବେ ଅନୁଗୁଳରେ ଯାଇ ନାଲ୍‌କୋ ପ୍ଲାଣ୍ଟ୍ ପରିଦର୍ଶନ କରିଛନ୍ତି । ପ୍ଲାଣ୍ଟ୍‌ରେ କାର୍ଯ୍ୟ ସଠିକ୍ ଢଙ୍ଗରେ ଚାଲିଥିବା ନେଇ ସନ୍ତୋଷ ବ୍ୟକ୍ତ କରିବା ସହ ଆଗାମୀ ଦିନରେ ନାଲ୍‌କୋର ସମ୍ପ୍ରସାରଣ ନେଇ ସୂଚନା ଦେଇଛନ୍ତି ।

ପୂର୍ବରୁ ଭୁବନେଶ୍ୱରସ୍ଥିତ ନାଲ୍‌କୋ କର୍ପୋରେଟ୍ ଅଫିସ୍‌ରେ ସମୀକ୍ଷା ବୈଠକରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଖଣି ରୟାଲିଟି ଉପରେ ନୀତି ଆୟୋଗ ବୈଠକରେ ନିଷ୍ପତ୍ତି ନିଆଯିବ। ବିଦେଶରୁ ଆମଦାନୀ ହେଉଥିବା ଖଣିଜ ପଦାର୍ଥ ଉପରେ ସର୍ଭେ ଚାଲିଛି ବୋଲି ସେ କହିଛନ୍ତି। କୌଣସି ରାଜ୍ୟକୁ ଅବହେଳା କରାଯିବ ନାହିଁ ଏବଂ ପ୍ରତ୍ୟେକ ରାଜ୍ୟ ତାଙ୍କର ଅଧିକାର ଅନୁଯାୟୀ ସମସ୍ତ ପ୍ରାପ୍ୟ ପାଇବେ ବୋଲି ସେ କହିଛନ୍ତି।

*IPR*

# ଶିକ୍ଷା ସପ୍ତାହ

ଶିକ୍ଷାନୀତି-୨୦୨୦ର ଚାରିବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଶିକ୍ଷା ସପ୍ତାହ ପାଳନ କରାଯାଉଛି । ଆଜି ଏହାର ଷଷ୍ଠ ଦିନରେ 'ପରିବେଶ ସଚେତନତା ଓ ସୁରକ୍ଷା'କୁ ପ୍ରାଧାନ୍ୟ ଦେଇ ବିଦ୍ୟାଳୟ ସ୍ତରରେ ସ୍କୁଲ୍ ପୋଷଣ ଦିବସ ପାଳନ କରାଯାଇଛି । ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଓ ପ୍ରାକୃତିକ ସମ୍ବଳ ହ୍ରାସକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେନନତା ସୃଷ୍ଟି କରିବା ହେଉଛି ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ପରିବେଶର ସୁରକ୍ଷା କରିବା ପ୍ରତ୍ୟେକ ନାଗରିକଙ୍କ ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ । ଭବିଷ୍ୟତ ପିଢ଼ିଙ୍କୁ ଏହାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବାକୁ ହେଲେ ବିଦ୍ୟାଳୟ ସ୍ତରରୁ ସଚେତନତା ସୃଷ୍ଟି କରିବା ଆବଶ୍ୟକ । ଏହି ଅବସରରେ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଚାରାରୋପଣ କରାଯାଇଛି । ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଆଉ ୬୨୫ଟି ଇକୋ କ୍ଲବ୍ ସ୍ଥାପନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ପ୍ରତି ଇକୋ କ୍ଲବ୍‌ରେ ୪ରୁ ୫ ଜଣ ବିଦ୍ୟାର୍ଥୀ ରହିବେ ଓ ଜଣେ ବିଦ୍ୟାର୍ଥୀ କ୍ଲବ୍‌ର ଅଧ୍ୟକ୍ଷ ରହିବେ ।

*Nuapada/R*

## ବଜେଟ୍ - ସାମ୍ବାଦିକ ସମ୍ମିଳନୀ

ନୂଆପଡ଼ା ଜିଲ୍ଲା ସଦର ମହକୁମାସ୍ଥିତି ବି.ଜେ.ପି. ଜିଲ୍ଲା କାର୍ଯ୍ୟାଳୟରେ କେନ୍ଦ୍ର ଓ ରାଜ୍ୟ ବଜେଟ୍‌କୁ ନେଇ ଜିଲ୍ଲାସ୍ତରୀୟ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ବଜେଟ୍‌ରେ ପ୍ରତ୍ୟେକ ସ୍ତରର ବ୍ୟକ୍ତିଙ୍କପାଇଁ ବିଶେଷ ଧ୍ୟାନ ଦିଆଯାଇଥିବାବେଳେ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦୦ କୋଟି ଟଙ୍କା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ରଖାଯାଇଛି ବୋଲି ଦଳୀୟ କର୍ମୀମାନେ ମତବ୍ୟକ୍ତ କରିଛନ୍ତି ।

*Bhadrak/R*

## ମେଲେରିଆ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମେଲେରିଆ, ଡେଙ୍ଗୁ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଶା କର୍ମୀ ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଘରକୁ ଘର ବୁଲି ରକ୍ତ ନମୁନା ସଂଗ୍ରହ କରିବା ସହ ପରିଷ୍କାର ରହିବାପାଇଁ ଲୋକମାନଙ୍କୁ ସଚେତନ କରାଉଛନ୍ତି ।

***Boudh/R***

# ତ୍ରିରଙ୍ଗା ଶୋଭାଯାତ୍ରା

ବୌଦ୍ଧ ଜିଲ୍ଲା ବି.ଜେ.ପି. ଯୁବମୋର୍ଚ୍ଚା ପକ୍ଷରୁ କଣ୍ଟାମାଳଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦେଶମାତୃକା ପାଇଁ ବଳିଦାନ ଦେଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇଥିଲା । ଜିଲ୍ଲା ଯୁବମୋର୍ଚ୍ଚା ସଭାପତିଙ୍କ ନେତୃତ୍ୱରେ ମଶାଲ୍ ସହ ତ୍ରିରଙ୍ଗା ଶୋଭାଯାତ୍ରା ସ୍ଥାନୀୟ ଗିରି ଗୋବର୍ଦ୍ଧନ ମନ୍ଦିର ନିକଟରୁ ବାହାର କଲୋରା କୋଠା ପର୍ଯ୍ୟନ୍ତ ଯାଇଥିଲା ।

***HS, Koraput/R***

# ଲଗାଣ ବର୍ଷା

କୋରାପୁଟ ଜିଲ୍ଲା ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଛି । ବର୍ଷାଜଳ ରାସ୍ତାରେ ପ୍ରବାହିତ ହେବାଦ୍ୱାରା କୋରାପୁଟ-ରାୟଗଡ଼ା ରାସ୍ତା ବିଚ୍ଛିନ୍ନ ହେବା ସହ କୋରାପୁଟ, ମାଛକୁଣ୍ଡ, ଦଶମନ୍ତପୁର, ଲକ୍ଷ୍ମୀପୁର, ବୈପାରୀଗୁଡ଼ା ଆଦି ସ୍ଥାନରେ ଭୂସ୍ଖଳନ ଓ ଗଛ ଉପୁଡ଼ି ପଡ଼ିବା ଯୋଗୁଁ ସଡ଼କ ଯୋଗାଯୋଗ ବାଧାପାପ୍ତ ହୋଇଛି । ଜିଲ୍ଲାରେ ଗତ ୨୪ ଘଣ୍ଟା ମଧରେ ସର୍ବାଧିକ ୯୫୦ ମିଲିମିଟର ବର୍ଷା ରେକର୍ଡ଼

କରାଯାଇଛି । ଅନ୍ୟପକ୍ଷରେ ବର୍ଷା ଯୋଗୁଁ ୩୦୦ ଘର ଭାଙ୍ଗିଯାଇଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ ମାଲକାନଗିରି ଜିଲ୍ଲାର କୋରକୋଣ୍ଡା ବ୍ଲକ୍ ନାକାମାମୁଡ଼ି ପଞ୍ଚାୟତ ବାୟାପଡ଼ା ଘାଟିରେ ଭୂସ୍ଖଳନ ଯୋଗୁଁ ୧୮ଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିଲା । ପ୍ରଶାସନ ପକ୍ଷରୁ ଆଜି ସକାଳୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାରୁ ମାଟି ହଟାଇ ରାସ୍ତା ମରାମତି କାର୍ଯ୍ୟ କରାଯାଉଛି ।

***Met. O.***

# ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଲଘୁଚାପ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଅଗ୍ରସର ହୋଇ ଆସନ୍ତା ଦୁଇ ଦିନ ମଧ୍ୟରେ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ଆଡ଼କୁ ମୁହାଁଇବ । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୂଆପଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ବର୍ଷା ଯୋଗୁଁ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର

ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ୧୩ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ସୂଚନା ଜାରି କରାଯାଇଛି ।

ସେହିପରି ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ଲଗାଣ ବର୍ଷା ହେବା ଯୋଗୁଁ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି । ଜଳଭଣ୍ଡାରର ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଆସନ୍ତାକାଲି ପ୍ରଥମ ବନ୍ୟାଜଳ ମହାନଦୀକୁ ନିଷ୍କାସିତ ହେବ । ବନ୍ୟାଜଳ ପ୍ରବାହିତ ଯୋଗୁଁ ମହାନଦୀ ଏବଂ ତା’ର ଶାଖାନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବ । ସେଥିପାଇଁ ସତର୍କତା ମୂଳକ ପଦକ୍ଷେପ ନେବାପାଇଁ ଜଳଭଣ୍ଡାର କର୍ତ୍ତୃପକ୍ଷ ପ୍ରଶାସନିକ ଅଧିକାରୀମାନଙ୍କୁ କହିଛନ୍ତି ।

*****